# କୋରାପୁଟ ପୌର ପରିଷଦ, କୋରାପୁଟ

ପତ୍ର ସଂଖ୍ୟା ୭୫୧ /୨୦୨୦ ତାରିଖ 03/03/2020

## ନିଲାମ ଇସ୍ତାହାର

ଏତଦ୍ବାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, କୋରାପୁଟ ପୌର ପରିଷଦ ଅଧିନସ୍ଥ ପରିଷ ଦର କାଠ ଡିପୋ ୩ବର୍ଷ ପର୍ଯ୍ୟନ୍ତ ଲିଜ୍ ଦିଆଯିବା ସକାଶେ ପୌର ପରିଷଦ, କୋରାପୁଟ ନିର୍ଦ୍ଦିଷ୍ଟ ଫର୍ମରେ ଜଉମୁଦା ଟେଣ୍ଡର ଆହ୍ୱାନ କରୁଅଛନ୍ତି । ଉକ୍ତ ଟେଣ୍ଡର ନିମନ୍ତେ ଧାର୍ଯ୍ୟ ଫର୍ମ ମୂଲ୍ୟ (ଅଣଫେରସ୍ତ) ପରିଷଦର କ୍ୟାସିୟରଙ୍କ ନିକଟରେ ତା-୧୧.୦୩.୨୦୨୦ରିଖ ଠାରୁ ତା-୨୫.୦୩.୨୦୨୦ରିଖ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ନିର୍ବାହୀ ଅଧିକାରୀ, କୋରାପୁଟ ପୌର ପରିଷଦ, କୋରାପୁଟଙ୍କ ନାମରେ ଟ.୨,୦୦୦/-ର ବ୍ୟାଙ୍କ ଡ୍ରାଫଟ୍ ଦାଖଲ କରି ଫର୍ମ କ୍ରୟ କରି ତା-୨୭.୦୩.୨୦୨୦ରିଖ ଅପରାହ୍ନ ୨.୦୦ ଘଟିକା ମଧ୍ୟରେ କେବଳ **ଡାକ ରେଜିଷ୍ଟ୍ରି/ ସ୍ପିଡପୋଷ୍ଟ** ଦ୍ୱାରା ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ । ତା-୩୦.୦୩.୨୦୨୦ରିଖ ଅପରାହ୍ନ ୪.୦୦ଘଟିକ ସମୟରେ ଟେଣ୍ଡରଦାତା କିମ୍ବା ତାଙ୍କର କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଉକ୍ତ ଟେଣ୍ଡର ଗୁଡିକ ଖୋଲାଯିବ । ଟେଣ୍ଡର ପକାଇବା ପାଇଁ ଇଚ୍ଛୁକ ବ୍ୟକ୍ତି ନିମ୍ନରେ ଲେଖାଥିବା ଅମାନତ ଟଙ୍କା ନିର୍ବାହୀ ଅଧିକାରୀ, କୋରାପୁଟଙ୍କ ନାମରେ ବ୍ୟାଙ୍କ ଡ୍ରାଫଟ୍ କରି ଟେଣ୍ଡର ଫର୍ମ ସହିତ ଦାଖଲ କରିବେ । ଲଫଫା ଉପରେ ଟେଣ୍ଡର ଦାଖଲ କରୁଥିବା ସୈରାତ ନାମ ଉଲ୍ଲେଖ କରିବେ । ଟେଣ୍ଡରଦାତାମାନେ ନୋଟିସରେ ଲିଖିତ ସର୍ତ୍ତାବଳୀମାନ ପାଳନ କରିବେ ନଚେତ୍ ଟେଣ୍ଡରଟି ଅଗ୍ରାହ୍ୟ ହେବ । ଟେଣ୍ଡର ସମ୍ବନ୍ଧୀୟ ଅନ୍ୟାନ୍ୟ ସର୍ତ୍ତାବଳୀ ପରିଷଦ କାର୍ଯ୍ୟାଳୟରେ ତା-୧୧.୦୩.୨୦୨୦ରିଖ ଠାରୁ ତା-୨୫.୦୩.୨୦୨୦ ମଧ୍ୟରେ କାର୍ଯ୍ୟ ଦିବସ ଗୁଡିକରେ ପୂର୍ବାହ୍ନ ୧୦.୩୦ମି ଠାରୁ ଅପରାହ୍ନ ୪.୩୦ମି ମଧ୍ୟରେ ଦେଖିପାରିବେ । ନିଲାମର ସମ୍ପୂର୍ଣ୍ଣ ବିବରଣୀ ପରିଷଦର ନିଜସ୍ୱ ୱେବ ସାଇଟ୍ koraputmunicipality.in ଦେଖିପାରିବେ

କର୍ତ୍ତୃପକ୍ଷ ସର୍ବୋଚ୍ଚ ଟେଣ୍ଡର ଏବଂ ସମସ୍ତ ଟେଣ୍ଡରକୁ ଗ୍ରହଣ କରିବାକୁ ବାଧ ନୁହନ୍ତି ଏବଂ ଏଥିପାଇଁ କୌଣସି କାରଣ ଦର୍ଶାଇବାକୁ ବାଧ ନୁହନ୍ତି । ଏହା ଛଡା କର୍ତ୍ତୃପକ୍ଷ ଚାହିଁଲେ, କୌଣସି କାରଣ ନଦର୍ଶାଇ ଟେଣ୍ଡର ରଦ୍ଦ/ ନାକଚ କରିପାରିବେ ।

### ଟେଣ୍ଡର ଗୁଡିକର ବିବରଣୀ

| କ୍ର.ସଂ | ସଇରାତର ନାମ | ୩ ବର୍ଷ ନିମନ୍ତେ ଅଫସେଟ ମୂଲ୍ୟ | ଅମାନତ ମୂଲ୍ୟ (ଅଫସେଟ ଦର (ସ୍ୱୀରିକୃତ)ର ୨୫ ଶତାଂଶ | ସଲଭେନସି ସାର୍ଟିଫିକେଟ (ତହସିଲଦାର/ ଉପ-ଜିଲ୍ଲାପାଳଙ୍କ ଠାରୁ) କିମ୍ବା ବ୍ୟାଙ୍କ ଗ୍ୟାରେଣ୍ଟି/ ବ୍ୟାଙ୍କ ଡ୍ରାଫଟ | ଟେଣ୍ଡର ପେପର ର ମୂଲ୍ୟ |
|---|---|---|---|---|---|
| ୧ | ପରିଷ ଦର କାଠ ଡିପୋ | ୧,୩୫,୦୦୦/- | ୩୩,୭୫୦/- | ୨,୦୦,୦୦୦/- | ୨,୦୦୦/- |

ନିର୍ବାହୀ ଅଧିକାରୀ, 03/03/2020
ପୌର ପରିଷଦ, କୋରାପୁଟ

Memo No. 752 /2020 Date: 03/03/2020

Copy forwarded to the e.mail-ipr.advt@gmail.com with copy to iprenews@gmail.com for information and necessary action with a request to publish the tender on one daily Odia wide circulated local News Paper for one day only for wide publicity.

Executive Officer, 03/03/2020
Koraput Municipality.

Scanned with CamScanner

ପରିପତ୍ର ସଂଖ୍ୟା 953 /୨୦୨୦ ତା 03/03/2020

ଏହାର ଏକକିତା ନକଲ, ଜିଲ୍ଲାପାଳ, କୋରାପୁଟ/ପ୍ରକଳ୍ପ ନିର୍ଦ୍ଦେଶକ, ଡୁଡା, କୋରାପୁଟ/ ପ୍ରକଳ୍ପ ନିର୍ଦ୍ଦେଶକ, ଗ୍ରାମ୍ୟ ଉନ୍ନୟନ ସଂସ୍ଥା, କୋରାପୁଟ/ ଉପ-ଜିଲ୍ଲାପାଳ, କୋରାପୁଟ/ଉପ-ନିର୍ଦ୍ଦେଶକ, ଜିଲ୍ଲା ପ୍ଲାନିଂ ଓ ମନିଟରିଂ ୟୁନିଟ୍, କୋରାପୁଟ/ ତହସିଲଦାର, କୋରାପୁଟ/ଗୋଷ୍ଠି ଉନ୍ନୟନ ଅଧିକାରୀ, କୋରାପୁଟଙ୍କ ସେମାନଙ୍କ ବିଜ୍ଞାପନ ଫଳକରେ ସର୍ବସାଧାରଣଙ୍କ ଅବଗତି ପାଇଁ ଝୁଲାଇବା ସକାଶେ ଅନୁରୋଧ ଜଣାଇ ପ୍ରେରଣ କରଗଲା ।

୦୩/୦୩/୨୦୨୦

ନିର୍ବାହୀ ଅଧିକାରୀ,
ପୌର ପରିଷଦ, କୋରାପୁଟ

ପରିପତ୍ର ସଂଖ୍ୟା 954 /୨୦୨୦ ତାରିଖ 03/03/2020

ଏହାର ଏକକିତା ନକଲ ଅଫିସ୍ ବିଜ୍ଞାପନ ଫଳକରେ ସର୍ବସାଧାରଣଙ୍କ ଅବଗତି ପାଇଁ ଝୁଲାଇଗଲା ।

୦୩/୦୩/୨୦୨୦

ନିର୍ବାହୀ ଅଧିକାରୀ,
ପୌର ପରିଷଦ, କୋରାପୁଟ

Scanned with CamScanner

# ନିଲାମର ସର୍ତ୍ତାବଳୀ

୧. ନିଲାମରେ ଭାଗ ନେବାକୁ ଇଚ୍ଛୁକ ବ୍ୟକ୍ତି ନିମ୍ନଲିଖିତ ନଥିପତ୍ର ସହ ଆବେଦନ ପତ୍ର ଦାଖଲ କରିବେ ।

(କ)ସମ୍ପତ୍ତି ପ୍ରମାଣ ପତ୍ର {Solvency Certificate} ଟ. ୨,୦୦,୦୦୦/-ରୁ ଅଧିକ ଥିବା ଆବଶ୍ୟକ କିମ୍ବା ଟ.୨,୦୦,୦୦୦/-ର ବ୍ୟାଙ୍କ ଗ୍ୟାରେଣ୍ଟି କିମ୍ବା ବ୍ୟାଙ୍କ ଡ୍ରାଫଟ ।

(ଖ) ଉପରେ ଦର୍ଶାଯାଇଥିବା ଅମାନତ ଜମା ।

୨. ଦରଖାସ୍ତରେ ଲିଜ୍ ପାଇଁ ସର୍ବାଧିକ କେତେ ଟଙ୍କା ଦେବାକୁ ସମ୍ମତି ଅଛନ୍ତି ତାହା ନିର୍ଦ୍ଦିଷ୍ଟ ଭାବେ ସଂଖ୍ୟା ଓ ଅକ୍ଷରରେ ଲେଖାଯିବ, ଯାହାକି ଧାର୍ଯ୍ୟଦର ଠାରୁ କମ୍ ହେବ ନାହିଁ ।

୩. ଦରଖାସ୍ତରେ ଟେଣ୍ଡର ପାଇଁ ଧାର୍ଯ୍ୟ ଇ.ଏମ୍.ଡି (ଅମାନତ ଜମା)ଟଙ୍କା ବ୍ୟାଙ୍କ ଡ୍ରାଫଟ ଆକାରରେ ନିର୍ବାହୀ ଅଧିକାରୀ, ପୌର ପରିଷଦ, କୋରାପୁଟଙ୍କ ନାମରେ ଟେଣ୍ଡର ଲଫପାରେ ଭର୍ତ୍ତି କରିବେ, ନଚେତ୍ ସଂପୃକ୍ତ ଟେଣ୍ଡର ଅଯୋଗ୍ୟ ଘୋଷିତ ହେବ

୪. ଯେଉଁ ବ୍ୟକ୍ତି କାଠ ଡିପୋ ନିଲାମରେ ଭାଗ ନେବାକୁ ଚାହାନ୍ତି ଟେଣ୍ଡର ଫର୍ମ ସହ ଟେଣ୍ଡର ଫର୍ମ କିଣାର ରସିଦ, ଆଧାର କାର୍ଡର ସହି ନକଲ, ଟ.୨,୦୦,୦୦୦/- ସଲଭେନସି ପ୍ରମାଣ ପତ୍ର, ବିଗତ ଦୁଇ (୨୦୧୮-୧୯ ଓ ୨୦୧୯-୨୦) ବର୍ଷର ବାର୍ଷିକ ଆୟକର ରିଟର୍ଣ୍ଣ ଦାଖଲ କରିବା ନିତାନ୍ତ ଅବଶ୍ୟକ ।

୫. ଯେଉଁ ବ୍ୟକ୍ତି କାଠ ଡିପୋ ନିଲାମରେ ଭାଗ ନେବାକୁ ଚାହାନ୍ତି ତେବେ ସରକାରଙ୍କ ବନ୍ୟ ବିଭାଗ ଠାରୁ ଜାଳେଣୀ କାଠ ବ୍ୟବସାୟ ନିମନ୍ତେ ଆବଶ୍ୟକ ଆଦେଶ ପତ୍ର ଦାଖଲ କରିବା ନିତାନ୍ତ ଅବଶ୍ୟକ ।

୬. ଯେଉଁମାନେ ପରିଷଦକୁ ଯେ କୌଣସି ବାବଦକୁ କିଛି ଦେୟ ଦେବାକୁ ଥିବ, ସେମାନେ ଟେଣ୍ଡର ଦାଖଲ ପୂର୍ବରୁ ଦେୟ ପୈଠ ଦେଇ ରସିଦ ଗ୍ରହଣ କରିନଥିଲେ, ଟେଣ୍ଡରରେ ଅଂଶ ଗ୍ରହଣ କରିପାରିବେ ନାହିଁ ।

୭. ଟେଣ୍ଡର ଦାଖଲ କରିଥିବା ବ୍ୟକ୍ତିବିଶେଷ କୌଣସି ଭୁଲ ତଥ୍ୟ ଦାଖଲ କରିଥିଲେ କିମ୍ବା ଟେଣ୍ଡରେ ସମ୍ବନ୍ଧୀୟ କୌଣସି ସର୍ତ୍ତାବଳୀ ଉପରେ ଅଣ୍ଡର ଟେକିଙ୍ଗ୍ ଦେଇଥିଲେ, ତାହା ଗ୍ରହଣ କରାଯିବ ନାହିଁ ଓ ସଂପୃକ୍ତ ଟେଣ୍ଡର ଅଯୋଗ୍ୟ ଘୋଷିତ ହେବ ।

୮. ଯେଉଁମାନଙ୍କ ସର୍ବୋଚ୍ଚ ଟେଣ୍ଡର ମୂଲ୍ୟ ଗ୍ରହଣ କରାଯିବ, ସେମାନେ ଦର୍ଶାଇଥିବା ମୋଟ ଟେଣ୍ଡର ଟଙ୍କାର ଅର୍ଦ୍ଧେକ (ଶତକଡା ୫୦ ଭାଗ) ସାଥେ ସାଥେ ଜମା ଦେବାକୁ ହେବ । ନଚେତ୍ ଅମାନତ ଟଙ୍କା ବାଜ୍ୟାପ୍ତି କରାଯିବ । ଅବଶିଷ୍ଟ ଟଙ୍କା ୩ଗୋଟି କିସ୍ତିରେ ପୈଠ କରିବେ । କିସ୍ତି ଟଙ୍କା ଠିକ୍ ସମୟରେ ପୈଠ ନକଲେ ଶତକଡା ୧୨ ହାରରେ ସୁଧ ଆଦାୟସହ ବିନା ନୋଟିସରେ ଲିଜ୍ ରଦ୍ଦ କରାଯିବା କ୍ଷମତା ପରିଷଦ ହାତରେ ରହିବ ।

୯. ଟେଣ୍ଡର ଶେଷହେବା ପରେ ଯେଉଁମାନଙ୍କ ଟେଣ୍ଡର ମୂଲ୍ୟ ଗ୍ରହଣ କରାଯିବ, ସେମାନେ ଟେଣ୍ଡର ସ୍ଥାନ ଛାଡିବା ପୂର୍ବରୁ ନିର୍ବାହୀ ଅଧିକାରୀଙ୍କୁ ଟେଣ୍ଡର ମୂଲ୍ୟର ଶତକଡା ୫୦ ଭାଗ ଟଙ୍କା ଜମା ଦେବାକୁ ହେବ ଏବଂ ତାଙ୍କର ସର୍ବୋଚ୍ଚ ଦର ପରିଷଦ ଦ୍ୱାରା ଗୃହୀତ ହେବାପରେ ନିର୍ଦ୍ଦେଶ ପାଇବାର ୭ (ସାତ) ଦିନ ମଧ୍ୟରେ ଚୁକ୍ତି ପତ୍ର ନିର୍ଦ୍ଧାରିତ ଭାବେ ତୟାରକରି ସ୍ୱାକ୍ଷର ସହ ଦାଖଲ କରିବେ । ଏହାର ବ୍ୟତିକ୍ରମ ହେଲେ କର୍ତ୍ତୃପକ୍ଷ ଅମାନତ ଟଙ୍କା ବାଜ୍ୟପ୍ତି କରିପାରିବେ ଏବଂ ସଂପୃକ୍ତ ଲିଜ୍ ସମ୍ପତ୍ତିକୁ ପୁନଃର୍ବାର ଟେଣ୍ଡର କରିପାରିବେ ।

୧୦. ଟେଣ୍ଡରଧାରୀ ଓ.ଏଫ୍,ଡି.ସି. ଲିଃ., ଜୟପୁର (O.F.D.C. Ltd. Jeypore)ଙ୍କ ଧାର୍ଯ୍ୟ ନିୟମ ପ୍ରକାରେ ଜାଳେଣୀ କାଠ ବିକ୍ରୀ କରିବେ । ଧାର୍ଯ୍ୟ ଦରର ତାଲିକା ନିଜ ଖର୍ଚ୍ଚରେ ଡିପୋରେ ଝୁଲାଇବେ ।

Scanned with CamScanner

୧୧. ଟେଣ୍ଡରଧାରୀ ଚୁକ୍ତିପତ୍ର ଅନୁସାରେ କିସ୍ତି ଦେୟ ନିର୍ଦ୍ଧାରିତ ତାରିଖ ମଧ୍ୟରେ ଦାଖଲ ନକଲେ ଶତକଡା ୧୨ଭାଗ ମାସିକ ସୁଧହାରରେ ସୁଧ ଦେବାକୁ ପଡିବ ଏବଂ ପରିଷଦ ଚାହିଁଲେ ଠିକା ଗୁଡିକୁ ରଦ୍ଦ କରିପାରିବେ ।

୧୨. ଠିକାଦାରମାନେ ଯେଉଁ ଲୋକଙ୍କ ଦ୍ଵାରା ଯେଉଁ ଲୋକଙ୍କ ଦ୍ଵାରା ଜାଳେଣୀ କାଠ ବିକ୍ରୀ କରିବେ, ସେମାନଙ୍କ ଠିକଣା ଓ ଦୁଇଟି ଫଟୋ ନିର୍ବାହୀ ଅଧିକାରଙ୍କ ଆଦେଶ ପାଇବାର **୭ (ସାତ)** ଦିନ ମଧ୍ୟରେ ଦାଖଲ କରିବେ । ତହିଁରେ ଗୋଟିଏ ଫଟୋ ଅନୁମତି ପତ୍ର ସହ ନିର୍ବାହୀ ଅଧିକାରୀଙ୍କ ଦସ୍ତଖତ ଥାଇ କାଠ ବିକ୍ରୟ କରୁଥିବା ବ୍ୟକ୍ତି ନିଜ ପାଖରେ ରଖିବେ । କୌଣସି ପୋଲିସ୍ କର୍ମଚାରୀ କିମ୍ବା ପରିଷଦର ପରିଦର୍ଶକ କାଠ ବିକ୍ରୟକାରୀଙ୍କ ପରିଚୟ ପତ୍ର ଦରକାର ହେଲେ ସେ ତାଙ୍କର ପରିଚୟ ପତ୍ର ଫଟୋ ସହ ଦେଖାଇବେ । ଏହା ଦର୍ଶାଇ ନ ପାରିଲେ, ଆଇନ ଅନୁଯାୟୀ ସଂପୃକ୍ତ ଠିକାଦାର କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ଲୋକଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଓ ସେଥିପାଇଁ ସେ ନିଜେ ହିଁ ଦାୟୀ ରହିବେ ।

୧୩. କର୍ତ୍ତୃପକ୍ଷ ସର୍ବୋଚ୍ଚ ଟେଣ୍ଡର ଏବଂ ସମସ୍ତ ଟେଣ୍ଡରକୁ ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି ଏବଂ ଏଥିପାଇଁ କୌଣସି କାରଣ ଦର୍ଶାଇବାକୁ ବାଧ୍ୟ ନୁହନ୍ତି । ଏହା ଛଡା କର୍ତ୍ତୃପକ୍ଷ ଚାହିଁଲେ କୌଣସି କାରଣ ନଦର୍ଶାଇ ଟେଣ୍ଡର ରଦ୍ଦ/ ନାକଚ କରିପାରିବେ

୧୪. ଅନ୍ୟାନ୍ୟ ସର୍ତ୍ତାବଳୀ ଚୁକ୍ତିନାମାରେ ଉଦ୍ଦିଷ୍ଟ ରହିବ ।

ନିର୍ବାହୀ ଅଧିକାରୀ,
ପୌର ପରିଷଦ, କୋରାପୁଟ

Scanned with CamScanner

OFFICE OF THE
KORAPUT MUNICIPALITY

# TENDER PAPER

| | |
|---|---|
| T.C. No. & Date: | : **Dated** |
| Description of Tender | : **(1) Lease of Firewood Depot of Koraput Municipality for 3 (Three) years.** |
| **Date of Receipt of Tender** | : **On or before 27.03.2020 up to 2.00 PM** |
| Date of **Opening of** Tender | : **On 30.03.2020 at 4.00 PM** |
| Date of **Selling** of Tender Paper | : **From 11.03.2020 up to 5.00 PM of 25.03.2020 on working days only.** |
| Cost of **Tender Paper**. | : **Rs. 2,000/- (Non-refundable).** |

**Money Receipt No. ____________** **Date________________**

***DOCUMENTS ATTACHED:***

01. Original Money Receipt towards purchase of Tender Paper.
02. EMD deposited vide B.D. No.______________ Dt.______________ for Rs.33,,750/- duly pledged in favour of the Executive Officer, Koraput Municipality.
03. Original & Xerox copy of Solvency Certificate more than Rs.2,00,000/- (Rupees two lakh) only.
04. No Dues Certificate from Koraput Municipality.
05. PAN Card.
06. Valid License/ Temporary permission (Commission Agent for sale of Firewood) obtained from Divisional Manager, OFDC Ltd., Jeypore.
07. The tenderer should submit his I.T. Returns for two year i.e. 2018-19 & 2019-20

Scanned with CamScanner

# S C H E D U L E

| Sl. No. | Particulars | Period | Up-Set price | Rates quoted ( in Rs. ) | |
|---|---|---|---|---|---|
| | | | | In Figure | In Ward |
| 1 | 2 | 3 | 4 | 5 | |
| 1 | **Lease of Firewood Depot of Koraput Municipality** | **3 (Three) Years** | 1,35,000/- | | |

Tender Paper issued to Smt./Sri ____________________

Executive Officer,
Koraput Municipality

Full Signature of the Tenderer.
Address:

Date:

**NB:**
**(1) Details can be had from the office of the EXECUTIVE OFFICER, KORAPUT MUNICIPALITY on any working day from 11.03.2020 to 25.03.2020.**
**(2) The Authority Reserves right to cancel, alter or reject any or all Tender without assigning any reason thereof.**
**(3) Incomplete & overwriting tender papers will summarily be rejected.**

Scanned with CamScanner